# କେମିତି କଟିବ - ୨୦୧୫

**ବିଶ୍ୱ ସମାଚାର :** ଚଳିତ ବର୍ଷର ମଙ୍ଗଳ, ଶନି, ରାହୁଙ୍କ ପ୍ରଭାବରୁ କେତେକ କ୍ଷେତ୍ରରେ ବିଶ୍ୱପାଇଁ ମଙ୍ଗଳପ୍ରଦ ହେବ। ସାମୁହିକ ଭାବରେ ପ୍ରଶାସନିକ କ୍ଷେତ୍ର ଭଲ ରହିବ। ଗତ ଦିନର ସମସ୍ୟା ଦୂରିଭୁତ ସହ ଭାବିଥିବା ଅନେକାଂଶ ଯୋଜନା କାର୍ଯ୍ୟକାରୀ ହେବ। ବୃହସ୍ପତିଙ୍କ ଶୁଭ ପ୍ରଭାବରୁ ଜନହିତକର  କାର୍ଯ୍ୟ ସମାପନ ହେବ। କେତୁଙ୍କ ପ୍ରଭାବରୁ କିଛିଟା ଅସ୍ଥିରତା, କେତେକ ସ୍ଥାନରେ ପ୍ରାକୃତିକ ବିପର୍ଯ୍ୟୟ, ହଠାତ୍ ବିବାଦୀୟ ପରିସ୍ଥିତି, ସନ୍ତ୍ରାସବାଦ କାର୍ଯ୍ୟକଳାପ, କୌଣସି ବଡ ଧରଣର ଯୋଜନାରେ ପ୍ରତିବନ୍ଧକ ଆଦି ଫଳ ମିଳିପାରେ। ଆମେରିକାର ରାଜନୈତିକ ସ୍ଥିତି ଦୃଢ଼ ରହିବ। କିନ୍ତୁ ଆର୍ଥିକ ମାନ୍ଦାବସ୍ଥାର ସୁଧାର ପାଇଁ ଯୋଜନାମାନ କରି ଆଂଶିକ ସୁଫଳ ପାଇବେ। ୟୁରୋବୀୟ ରାଷ୍ଟ୍ରଗୋଷ୍ଠୀ ଉତ୍ତମ ବୁଝାମଣା ରହିବ। ରୁଷିୟ ମହାଦେଶର ସ୍ୱାଧୀନ ରାଷ୍ଟ୍ର ସମୂହ ସଂଗଠିତ ହୋଇ କାର୍ଯ୍ୟ କରିବେ। ବ୍ରିଟିଶ ଦ୍ୱୀପ ପୁଞ୍ଜରେ ବର୍ଷରେ ଶେଷ ଭାଗକୁ ହଠାତ୍ ପ୍ରାକୃତିକ ବିପର୍ଯ୍ୟୟ ଘଟିପାରେ। ଚୀନ ମହାଦେଶରେ ବର୍ଷର ମଧ୍ୟ ଭାଗରେ ଏକ ଭୟାବହ ଅଗ୍ନୀ ଉଦ୍‌ଗୀରଣ ବା ଭୂକମ୍ପର ଆଶଙ୍କା ରହିଛି। ପୁନଶ୍ଚ ବର୍ଷର ଶେଷ ଭାଗରେ ଏକ ପ୍ରାକୃତିକ ବିପର୍ଯ୍ୟୟ ଘଟିପାରେ। ଜାପାନ ପୂର୍ବ ଉପକୂଳରେ ଏକ ଭୟାବହ ଝଡବାତ୍ୟା ସାମୁଦ୍ରିକ ପ୍ଲାବନର ଆଶଙ୍କା ରହିଛି। ଆଫ୍ରିକା ମହାଦେଶ ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ଥିକ ଓ କୃଷି କ୍ଷେତ୍ରରେ ଆଗେଇ ଚାଲିବେ। ଅଷ୍ଟ୍ରେଲିଆ ମହାଦେଶରେ ଆଭ୍ୟନ୍ତରିଣ ରାଜନୈତିକ ଆନ୍ଦୋଳନ ଦେଖା ଦେଇପାରେ। ଏସିଆ ମହାଦେଶସ୍ଥ ଇସ୍‌ଲାମିକ ରାଷ୍ଟ୍ରରେ ବିସ୍ଫୋରଣ ଜନିତ ଘଟଣା ଓ ରକ୍ତପାତ ହେବାର ସମ୍ଭାବନା ରହିଛି। ଶ୍ରୀଲଙ୍କାରେ ପ୍ରାୟତଃ ସବୁ କ୍ଷେତ୍ରରେ ଭଲ ରହିଛି। ପାକିସ୍ତାନରେ ରାଜନୈତିକ ଅସ୍ଥିରତା ବୃଦ୍ଧି ପାଇବ। ବାଙ୍ଗଲାଦେଶରେ ପ୍ରାୟତଃ ଶାନ୍ତି ଶୃଙ୍ଖଳା ଅକ୍ଷୁର୍ଣ୍ଣ ରହିବ। ଫିଲିପାଇନ୍ସ ଦ୍ୱୀପପୁଞ୍ଜ ଏବଂ ଆଣ୍ଡାମାନରେ ମହାବାତ୍ୟା ଓ ସାମୁଦ୍ରିକ ଝଡର ଆଶଙ୍କା ରହୁଛି।

**ଭାରତ :** ଚଳିତ ବର୍ଷ ଭାରତରେ ପ୍ରଶାସନିକ ସୁଧାର ଆସିବ। ବର୍ଷାରମ୍ଭରୁ ଦେଶବାସୀ ନୂତନ ଯୋଜନାର ସୁଫଳ ପାଇବେ। ଆର୍ଥିକ ମାନ୍ଦାବସ୍ଥା ଧୀରେ ଧୀରେ ସୁଧୁରିବ। ଦେଶର ଆର୍ଥିକ ପ୍ରଗତି ହେବ। ବହୁମୁଖୀ ଯୋଜନାମାନ ସଫଳ ରୁପାୟନ ହେବ। ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସୁଫଳ ମିଳିବ। ଗ୍ରାମ୍ୟ ଓ ସହର ଉନ୍ନୟନ କାର୍ଯ୍ୟମାନ ତ୍ୱରାନ୍ୱିତ ହେବ। ଦୁର୍ନୀତି ଭ୍ରଷ୍ଟାଚାର କ୍ରମେ ହ୍ରାସ ପାଇବ। ରାଜ୍ୟମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ହେବା ସହ ଆନ୍ତର୍ଜାତିକ କ୍ଷେତ୍ରରେ ଦେଶର ସ୍ଥିତି ସୁଦୃଢ଼ ରହିବ। କୃଷି ଓ ବାଣିଜ୍ୟ କ୍ଷେତ୍ରରେ ଅଗ୍ରଗତି ଘଟିବ। ପାକିସ୍ତାନ ଭଳି ରାଷ୍ଟ୍ରଆଦିମାନେ ସୀମା ଭାଗରେ ପ୍ରଭାବିତ କରିପାରନ୍ତି। ପୂର୍ବାଞ୍ଚଳ ରାଜ୍ୟମାନଙ୍କରେ ହିଂସାତ୍ମକ କାର୍ଯ୍ୟକଳାପମାନ ଘଟିବ। ନାରୀ ସୁରକ୍ଷା କାର୍ଯ୍ୟରେ ବିଶେଷ ସୁଫଳ ମିଳିବ। ଆଇନ କ୍ଷେତ୍ରରେ ପରିବର୍ତ୍ତନ ଆସିବ। ପରିବହନ କ୍ଷେତ୍ରରେ ଅଗ୍ରଗତି ହେବ। ପ୍ରତିରକ୍ଷା ବଳ ସୁଦୃଢ଼ ରହିବ। ମୋଟାମୋଟି ଭାବରେ ଦେଶରେ କିଛିଟା ରାଜନୈତିକ ଉତ୍ତେଜନା ଭିତରେ ଦେଶରେ ପରିବର୍ତ୍ତନ, ପ୍ରଗତି ପ୍ରାୟତଃ ଭଲ ରହିବ।

**ଓଡ଼ିଶା :** ଚଳିତ ବର୍ଷରେ ବର୍ଷାରମ୍ଭରେ ଭଲ ସ୍ଥିତି ରହିବ। ସାମାନ୍ୟ ରାଜନୈତିକ ଅସ୍ଥିରତା ମଧ୍ୟରେ ରାଜ୍ୟର ଯୋଜନାମାନ କାର୍ଯ୍ୟକାରୀ ହେବ। ଅର୍ଥନୈତିକ ମାନଦଣ୍ଡର ବୃଦ୍ଧି ଘଟିବ। କୃଷି ପାଇଁ ଅନୁକୂଳ ପରିସ୍ଥିତି ରହିବ କିନ୍ତୁ କୃଷି ଉତ୍ପାଦନ ମଧ୍ୟମ ରହିବ। ଗ୍ରୀଷ୍ମାଦି ସମୟରେ ପ୍ରବଳ ଉତ୍ତାପ ଅନୁଭୁତ ହେବ। ଅପର ପକ୍ଷରେ ବିଦ୍ୟୁତ୍ ଯୋଗାଣ ସମସ୍ୟା ଲଗି ରହିବ। ଶିକ୍ଷା, ସ୍ୱାସ୍ଥ୍ୟ ଓ ଜନକଲ୍ୟାଣ ଯୋଜନାମାନ ତ୍ୱରାନ୍ୱିତ ହେବ। ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ମୂଲ୍ୟବୃଦ୍ଧି ଯୋଗୁ ଜନ ଅସନ୍ତୋଷ ଦେଖାଦେବ। କଳା ଓ ବିଜ୍ଞାନ କ୍ଷେତ୍ରରେ ଉନ୍ନତି ଓ ପ୍ରଶଂସନୀୟ ହେବେ। ଲୋକ ହିତକର କାର୍ଯ୍ୟରେ ପ୍ରାଥମିକ ସ୍ତରରେ ଦୂର୍ନିତି ବୃଦ୍ଧି ପାଇବ। ନାରୀ ନିର୍ଯ୍ୟାତନା କେତେକ ସ୍ଥଳେ ଲାଗି ରହିବ। ସମୟେ ସମୟେ ଆନ୍ଦୋଳନାଦି ହୋଇପାରେ। ପ୍ରଶାସନିକ ଓ ରାଜନୈତିକ ସ୍ତରରେ ବିରୋଧି ସକ୍ରୀୟ ରହି ମଧ୍ୟ ବିଶେଷ ପ୍ରଭାବିତ ହେବନାହିଁ। ଖଣିଜ ଓ ଶିଳ୍ପ କ୍ଷେତ୍ରରେ ଉତ୍ପାଜନ ହ୍ରାସ ପାଇବ। ହଠାତ୍ ପ୍ରାକୃତିକ ବିପର୍ଯ୍ୟୟ କିଛିମାତ୍ରାରେ ହେବାର ଆଶଙ୍କା ରହିଛି। ପରିବହନ କ୍ଷେତ୍ର ପ୍ରଭାବିତ ହେବ। ଚଳିତ ବର୍ଷ ମଧ୍ୟମରୁ ଉନ୍ନତ ଫଳ ପ୍ରାପ୍ତିର ସୂଚନା ରହୁଛି।